# ବ୍ୟାସନଗର ପୌରପାଳିକା କାର୍ଯ୍ୟାଳୟ, ବ୍ୟାସନଗର

## OFFICE OF THE VYASANAGAR MUNICIPALITY
## VYASANAGAR, JAJPUR

Email id:- vyasanagarmunicipality@gmail.com


ବିଜ୍ଞାପନ ସଂଖ୍ୟା..୨୮୦......ତା.୧୨/୦୧/୨୦୨୬.ରିଖ

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା ୨୯.୦୧.୨୦୨୬ ରିଖ ଠାରୁ ତା.୦୮.୦୨.୨୦୨୬ ରିଖ ପର୍ଯ୍ୟନ୍ତ ୧୧ ଦିନ ପାଇଁ ପୂରାଣ ପ୍ରସିଦ୍ଧ ବ୍ୟାସ ସରୋବର ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ମେଳାରେ ଦୁଇ ଗୋଟି ଅସ୍ଥାୟୀ ଷ୍ଟାଣ୍ଡ (ସାଇକେଲ, ରିକ୍ସା, ମଟର ସାଇକେଲ, ତିନିଚକିଆ ଯାନ, ଚାରି ଚକିଆ ଯାନ୍) ପାଇଁ ତା ୧୯.୦୧.୨୦୨୬ ରିଖ ଠାରୁ ତା.୨୭.୦୧.୨୦୨୬ ରିଖ ମଧ୍ୟରେ କୋଟସେନ ପକାଇବା ପାଇଁ ବିଜ୍ଞପ୍ତି ଜାରି କରାଗଲା । ଉକ୍ତ ସାଇକେଲ ଷ୍ଟାଣ୍ଡ ପାଇଁ ଟେଣ୍ଡର ପେପର ମୂଲ୍ୟ ଟ. ୫,୦୦୦/- ଙ୍କା (ପାଚଂ ହଜାର ଟଙ୍କା) ଅଣ ଫେରସ୍ତ ଏବଂ ଟ. ୫୦,୦୦୦/-( ପଚାଶ ହଜାର ଟଙ୍କା) ମାତ୍ର ଅମାନତ ରାଶି ରଖାଯାଇଛି । ଉକ୍ତ ଅର୍ଥ କାର୍ଯ୍ୟାଳୟ କ୍ୟାସିୟରଙ୍କ ନିକଟରେ ଡିପୋଜିଟ କରିବେ । ଜମା କରିଥିବା ବ୍ୟକ୍ତି ଅନଲାଇନ୍ କୋଟେସନ୍ ମାଧମରେ ଅଂଶ ଗ୍ରହଣ କରିପାରିବେ । ଟେଣ୍ଡର ପେପର ଗୁଡ଼ିକ ଧାର୍ଯ୍ୟ ତାରିଖ ପୂର୍ବରୁ ଅଫିସ୍ କାର୍ଯ୍ୟାାଳୟରେ ପୈଠ କରିବେ । କୋଟେସନର ସର୍ବନିମ୍ନ ମୂଲ୍ୟ ଟ ୪,୦୦,୦୦୦/- ଙ୍କା (ଚାରି ଲକ୍ଷ) ଧାର୍ଯ୍ୟ କରାଯାଇଅଛି । ଉକ୍ତ ଧାର୍ଯ୍ୟ ରାଶିର ନିମ୍ନରୁ ଟେଣ୍ଡର ପକାଇ ପାରିବେ ନାହିଁ । ସର୍ବୋଚ୍ଚ ମୂଲ୍ୟାୟନ ଦାଖଲ କରିଥିବା ବ୍ୟକ୍ତିଙ୍କୁ ସିକୃତି ପ୍ରଦାନ କରାଯିବ ଓ ଟେଣ୍ଡର ଅର୍ଥ ପୌର କାର୍ଯ୍ୟାଳୟ କ୍ୟାସିୟରଙ୍କ ନିକଟରେ ସଙ୍ଗେ ସଙ୍ଗେ ପୈଠ କରିବାକୁ ହେବ । ଅନ୍ୟଥା ତାଙ୍କୁ ଅଗ୍ରାହ୍ୟ କରି ଦିଆଯିବ । ଟେଣ୍ଡର ପ୍ରକାଶ ପାଇବାର ସମୟ ତା ୧୯.୦୧.୨୦୨୬ ରିଖ ପୂର୍ବାହ୍ନ ୧୧ ଘଟିକା ଠାରୁ ତା ୨୭.୦୧.୨୦୨୬ ରିଖ ଅପରାହ୍ନ ୧୨.୦୦ ଘଟିକା ମଧରେ ଆବେଦନ କରିପାରିବେ ଏବଂ ତା ୨୭.୦୧.୨୦୨୬ ରିଖ ଅପରାହ୍ନ ୧.୦୦ ଘଟିକା ସମୟରେ ଟେଣ୍ଡର ଖୋଲାଯିବା ସମୟରେ ଆବେଦନକାରୀ କିମ୍ୱା ତାଙ୍କଦ୍ୱାରା ସିକୃତି ପ୍ରାପ୍ତ କୌଣସି ବ୍ୟକ୍ତି ରହିପାରିବେ । ଏଥିସହିତ ନିମ୍ନଲିଖିତ ନିୟମାବଳୀଗୁଡିକ ପାଳନ କରିବେ ।

## ନିୟମାବଳୀ

୧. ଯେଉଁ ବ୍ୟକ୍ତି ବିଶେଷଙ୍କ ନାମରେ କୋଟେସନଟି ଧାର୍ଯ୍ୟ ହେବ ସେ ନିଜ ଖର୍ଚ୍ଚରେ ସାଇକେଲ, ରିକ୍ସା, ମୋଟର ସାଇକେଲ୍ , ତିନି ଚକିଆ ଯାନ, ଚାରିଚକିଆ ଯାନ, ଷ୍ଟାଣ୍ଡ ନିର୍ମାଣ ଏବଂ ଆବଶ୍ୟକୀୟ ରସିଦ୍ ଇତ୍ୟାଦି କରାଇବେ । ପରିଷଦର ନିଷ୍ପତି ଅନୁଯାୟୀ ସାଇକେଲ, ରିକ୍ସା ପ୍ରତି ଟ.୧୦/-, ଦୁଇଚକିଆ ମଟରଗାଡ଼ି ପ୍ରତି ଟ.୨୦/-, ତିନି ଚକିଆ ଯାନ ପ୍ରତି ଟ.୩୦/-, ଚାରି ଚକିଆ ଯାନ ପ୍ରତି ଟ.୪୦/- ଲେଖାଁଏ ଆଦାୟ କରିବେ ।

୨. ମେଳା ଦାୟିତ୍ୱରେ ଥିବା ପୌର କର୍ମଚାରୀ/ଦାୟିତ୍ୱରେ ଥିବା ଅଫିସର, ସାମ୍ବାଦିକ, ଏବଂ ଷ୍ଟଲ୍ ବ୍ୟକ୍ତି ବିଶେଷ ମାନଙ୍କ ଠାରୁ କୌଣସି ଷ୍ଟାଣ୍ଡ ଫି ଆଦାୟ କରି ପାରିବେ ନାହିଁ ।

୩. ଉପରୋକ୍ତ ଫିସର ହାର ନିଲାମଧାରୀ ନିଜ ଖର୍ଚ୍ଚରେ ଷ୍ଟାଣ୍ଡ ନିକଟରେ ଏକ ବୋର୍ଡ଼ରେ ସର୍ବସାଧରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଇବେ ।

୪. ତା.୨୯.୦୧.୨୦୨୬ରିଖ ଦିନ ଏକାଦଶୀ ତିଥି ଓ ବ୍ୟାସ ସରୋବର ମହୋତ୍ସବ ଉଦଘାଟନୀ ଉତ୍ସବ ଥିବାରୁ କୌଣସି ବ୍ୟକ୍ତି ବିଶେଷଙ୍କ ଠାରୁ ସାଇକେଲ, ମଟର ସାଇକେଲ, ଚାରିଚକିଆ ଯାନ ଠାରୁ ଫି ଆଦାୟ କରାଯିବ ନାହିଁ ।

୫. ଯେଉଁ ବ୍ୟକ୍ତି ବିଶେଷଙ୍କ ନାମରେ ସର୍ବାଧିକ ହେବ ସେ ସଙ୍ଗେ ସଙ୍ଗେ ସଂପୂର୍ଣ୍ଣ ଧାର୍ଯ୍ୟ ଦେୟ ପୈଠ କରି ରସିଦ୍ ଗ୍ରହଣ କରିବେ । ନଚେତ୍ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ ଏବଂ ଦ୍ୱିତୀୟ ସର୍ବାଧିକ ମୂଲ୍ୟ ବ୍ୟକ୍ତିଙ୍କୁ ସୁଯୋଗ ଦିଆଯିବା ସହିତ ସର୍ବାଧିକ ମୂଲ୍ୟ ବ୍ୟକ୍ତିଙ୍କୁ ଡ଼ିପୋଜିଟ୍ କରିବାକୁ ପଡ଼ିବ ଏବଂ ସେ ପ୍ରଥମ ସର୍ବାଧରକ ମୂଲ୍ୟ ପୈଠ କରିବେ ଯଦି ଦ୍ୱିତୀୟ ସର୍ବାଧିକ ମୂଲ୍ୟ ରାଜି ନ ହୁଅନ୍ତି, ତାହାଲେ ଉକ୍ତ ନିଲାମକୁ ବାତିଲ କରାଯାଇ ପୂନଃ ନିଲାମ କରାଯିବ ।

୬.ବ୍ୟାସ ସରୋବର ମହୋତ୍ସବ ସମୟରେ ଷ୍ଟାଣ୍ଡରେ ରଖାଯାଇଥିବା କୌଣସି ଯାନ ଚୋରି କିମ୍ବା କ୍ଷତି ହେଲେ ନିଲାମଧାରୀ ସେଥିପାଇଁ ଦାୟୀ ରହିବେ ଓ ଉକ୍ତ ସମ୍ବନ୍ଧୀୟ ଅର୍ଥ ଭରଣା କରିବେ ।

୭. ଧାର୍ଯ୍ୟ ତାରିଖ ଓ ସମୟ ମଧ୍ୟରେ ଅମାନତ ରାଶି ପୈଠ ନକରିଥିବା ବ୍ୟକ୍ତି କିମ୍ବା ସଂସ୍ଥା ନିଲାମ ଡାକିବାରେ ଅଂଶଗ୍ରହଣ କରିପାରିବେ ନାହିଁ ।

୮. ଇଲେକ୍ଟ୍ରି ବ୍ୟବହାର ଅଲଗା ବିଦ୍ୟୁତ ଦେୟ ନିୟୋଜିତ କାର୍ଯ୍ୟାଳୟ କର୍ମକର୍ତାଙ୍କୁ ଉପଯୁକ୍ତ ରଶିଦ ବିନିମୟରେ ପୈଠ କରିବେ ।

୯. ଉପରୋକ୍ତ ସର୍ତ ଖିଲାପ ହେଲେ ନିଲାମଧାରୀଙ୍କୁ ଦିଆଯାଇଥିବା କାର୍ଯ୍ୟାଦେଶକୁ ଅସିଦ୍ଧ ଘୋଷଣା କରିବା ସଙ୍ଗେ ସଙ୍ଗେ ସମସ୍ତ ଅର୍ଥକୁ ବାଜ୍ୟାପ୍ତି କରାଯିବ ଏବଂ ଆସନ୍ତା ୦୩ ବର୍ଷ ପାଇଁ ପୌର ପାଳିକାର କୌଣସି ନିଲାମରେ ସାମିଲ କରାଯିବ ନାହିଁ ।

୧୦. କୌଣସି କାରଣ ନ ଦର୍ଶାଇ ନିମ୍ନ ସାକ୍ଷରକାରୀ ଯେ କୌଣସି କିମ୍ବା ସମସ୍ତ ନିଲାମକୁ ରଦ୍ଦ କରି ପାରିବେ ।

୧୧.ପୂର୍ବରୁ ଚୁକ୍ତି ଖିଲାପ କରିଥିବା ଟେଣ୍ଡରଧାରୀ ମାନେ ଏହି ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ ନାହିଁ ।

(Signature)

ନିର୍ବାହୀ ଅଧିକାରୀ
ବ୍ୟାସନଗର ପୌର ପାଳିକା

ଜ୍ଞାପକ ସଂଖ୍ୟା...୨୦୧............( )/ତାରିଖ.୧୨/୦୧/୨୦୨୬

ଏହାର ଏକକିତା ନକଲ DeGM, ଯାଜପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯିବା ସହ ଉକ୍ତ ବିଜ୍ଞାପନକୁ www.vyasanagarmunicipality.in ଏବଂ www.jajpur.odisha.gov.in ୱେବ୍ ସାଇଟ୍ ରେ ତା.୧୯.୦୧.୨୦୨୬ ରିଖ ସୁଧା ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

(Signature)

ନିର୍ବାହୀ ଅଧିକାରୀ
ବ୍ୟାସନଗର ପୌର ପାଳିକା

ଜ୍ଞାପକ ସଂଖ୍ୟା...୨୦୨.......( )/ତାରିଖ..୧୨/୦୧/୨୦୨୬.

ଏହାର ଏକକିତା ନକଲ ଅଫିସ୍ ନୋଟିସ୍ ବୋର୍ଡ଼ /ଜିଲ୍ଲାପାଳ, ଯାଜପୁର/ତହସିଲଦାର, ବ୍ୟାସନଗର/ଆଦର୍ଶ ଥାନା ଭାରପ୍ରାପ୍ତ ଅଧିକାରୀ, ଯାଜପୁର ରୋଡ୍/ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର /ସେକ୍ରେଟେରୀ, କଳିଙ୍ଗନଗର ଉନ୍ନୟନ କର୍ତୃପକ୍ଷ ବ୍ୟାସନଗରଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ରେ ଲଗାଇବା ପାଇଁ ଅନୁରୋଧ କରାଗଲା ।

(Signature)

ନିର୍ବାହୀ ଅଧିକାରୀ
ବ୍ୟାସନଗର ପୌର ପାଳିକା

# ମୂଲ୍ୟାୟନ ଫର୍ଦ୍ଦ

ଫଟୋ

| | | |
|---|---|---|
| ୧. | ଆବେଦନ ଟେଣ୍ଡର ମୂଲ୍ୟ | |
| ୨. | ଟେଣ୍ଡର ପାଇଁ ଆବେଦନ କରିଥିବା ବ୍ୟକ୍ତି ଙ୍କ ନାମ ଓ ସମ୍ପୂର୍ଣ୍ଣ ଠିକଣା | |
| ୩. | ପେପର ମୂଲ୍ୟ ଏବଂ ରସିଦ ସଂଖ୍ୟା | |
| ୪. | ଅମାନତ ମୂଲ୍ୟ ଏବଂ ରସିଦ ସଂଖ୍ୟା | |
| ୫. | ଆବେଦନକାରୀ ଙ୍କ ମୋବାଇଲ୍ ନମ୍ବର | |
| ୬. | ଆବେଦନକାରୀ ଙ୍କ ମେଲ୍ ଆଇଡି | |
| ୭. | ଆବେଦନକାରୀ ଙ୍କ ଆଧାର ନମ୍ବର | |
| ୮. | ଆବେଦନକାରୀ ଙ୍କ ପ୍ୟାନ୍ ନମ୍ବର | |
| ୯. | ଆବେଦନକାରୀ ଙ୍କ ଜି.ଏସ୍.ଟି. ନମ୍ବର (ଉପଲବ୍ଧ ଥିଲେ) | |
| ୧୦. | ଆବେଦନକାରୀ ଙ୍କ ଫଟୋ | |

ବି.ଦ୍ର: ସମସ୍ତ ଦସ୍ତାବିଜର ନକଲ ଏଥି ସହ ସଂଲଗ୍ନ କରିବେ ।

ତାରିଖ......................

ଆବେଦନକାରୀ ଙ୍କ ସାକ୍ଷର